## ଜଳିଗଲା ୩ ବଖରା ଘର

ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍):ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚୁଡ଼ାମଣି ପଞ୍ଚାୟତ ତଳସାହି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ବଖରା ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ନାରାୟଣ ବାରିକ୍, ସୁମତୀଲତା ବାରିକ ଓ ଶଙ୍କର୍ଷଣ ବାରିକଙ୍କ ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବିଜେଡିର ପୂର୍ବତନ ପଞ୍ଚାୟତ ସଭାପତିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

ବନ୍ତ,୨୪।୮(ହରିନାରାୟଣ ମହାନ୍ତି)– ଭଦ୍ରକ ଜିଲା ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବିଜେଡିର ପୂର୍ବତନ ପଞ୍ଚାୟତ ସଭାପତି ରବୀନ୍ଦ୍ରନାଥ ଧଳଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏଥିସହ ନିଳୋକ ପଞ୍ଚାୟତର ବରିଷ୍ଠ ନେତା ପ୍ରଫୁଲ୍ଲ ପାତ୍ରଙ୍କୁ ଦଳର ମୁଖ୍ୟସ୍ରୋତକୁ ଆଣି ଦଳକୁ ମଜଭୁତ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିବା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ବୁଧବାର ଚିଠି ନଂ– ୧୨/୨୦୨୩ ଅନୁଯାୟୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ରବୀନ୍ଦ୍ରନାଥ ପୂର୍ବରୁ ବିଜେଡିର ଜଣେ ଟାଣୁଆ ସଙ୍ଗଠକ ଥିବାବେଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଥିଲା। ପ୍ରଫୁଲ୍ଲ ଦୀର୍ଘବର୍ଷ ଧରି ଜନତା ଦଳ ଓ ବିଜୁ ଜନତା ଦଳରେ ରହି କାର୍ଯ୍ୟ କରିଆସୁଥିବା ବେଳେ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନଠାରୁ ବିଜେଡିର ସକ୍ରିୟ ରାଜନୀତିରୁ ଦୂରରେ ରହିଆସୁଥିଲେ। ଏବେ ଦଳ ପକ୍ଷରୁ ଅନୁମତି ମିଳିବା ପରେ ସେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି।

### ୨ ଦେଶୀ ବନ୍ଧୁକ ଜବତ

ବାରିପଦା,୨୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପିଠାବଟା ରେଞ୍ଜ ଅଞ୍ଚଳରୁ ବନ ବିଭାଗ ୨ ଦେଶୀ ବନ୍ଧୁକ ଜବତ କରିଛି। ଏ ନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା କହିଛନ୍ତ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ପିଠାବଟା ରେଞ୍ଜର ଘଞ୍ଚ ଜଙ୍ଗଲରେ ବନ କର୍ମଚାରୀମାନେ ପାଟ୍ରୋଲିଂ ବେଳେ ଶିକାରୀମାନେ ଲୁଚାଇ ରଖିଥିବା ଦୁଇଟି ବନ୍ଧୁକକୁ ଠାବ କରିଥିଲେ। ପୋଲିସ ଓ ବନବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ହେଉଥିବାରୁ ଶିକାରୀମାନେ ବନ୍ଧୁକଗୁଡ଼ିକୁ ଜଙ୍ଗଲ ମଧ୍ୟରେ ଥିବା ବଡ଼ ବଡ଼ ଗଛ ଓ ପଥରଗୁମ୍ଫା ମଧ୍ୟରେ ଲୁଚାଇ ରଖୁଛନ୍ତି। ଜଏଣ୍ଟ ଟାସ୍କଫୋର୍ସର ଅପରେଶନ ନେଇ ଶିକାରୀମାନେ ଛତ୍ରଭଙ୍ଗ ଦେଉଥିବା ବେଳେ ବନ୍ଧୁକଗୁଡିକ ଏଣେତେଣେ ଲୁଚାଇବାରେ ବ୍ୟସ୍ତ ରହୁଛନ୍ତ। ଏପରି କୋମ୍ବିଂ ଅପରେଶନ କରାଗଲେ ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରୁ ହଜାର ହଜାର ଦେଶୀ ବନ୍ଧୁକ ଜବତ ହୋଇପାରନ୍ତା ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

### ତୀର ମାଡ଼ରେ ଯୁବକ ଗୁରୁତର

ଆନନ୍ଦପୁର,୨୪।୮(ସନ୍ତୋଷ ରାଉତ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଗୟଳମୁଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତି ତୀର ମାଡ଼ରେ ଗୁରୁତର ହୋଇଛନ୍ତି। ସେ ହେଲେ ବିଶ୍ୱମ୍ବର ସେଠୀ। ତାଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ପରେ କଟକ ସ୍ଥାନାନ୍ତର କରାଯାଇଛି। ବିଶ୍ୱମ୍ବର ଗାଁ ଛକ ଦୋକାନକୁ ପାଉଁରୁଟି ଆଣିବାକୁ ଆସିଥିଲେ। ସେହି ସମୟରେ ଦୋକାନ ନିକଟରେ ଥିବା କାଳିଆ କୋହ୍ଲ ନାମକ ବ୍ୟକ୍ତି ତାଙ୍କ ସହ ଝଗଡ଼ା କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ କାଳିଆ ତୀର ମାଡ଼ କରିଥିବା ବିଶ୍ୱମ୍ବରଙ୍କ ସ୍ତ୍ରୀ ଗୁନୁ ସେଠୀ କହିଛନ୍ତି। ଆନନ୍ଦପୁର ପୋଲିସ ତଦନ୍ତ କରୁଛି।

### ୨୮ରେ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବନ୍ଧୁମିଳନ

ଖଇରା, ୨୪।୮(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀର ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଆସନ୍ତା ୨୮ତାରିଖରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ପୁରାତନ ଛାତ୍ର ପରେଶ କୁମାର ଦକ୍ଷିଣରାୟ, ନନ୍ଦକିଶୋର ସାହୁ, ଯୋଗେନ୍ଦ୍ର ଗାହାଣ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କଲେଜ ଉନ୍ନତିରେ ପୁରାତନ ଛାତ୍ରଙ୍କ ଯଥେଷ୍ଟ ସହଯୋଗ ରହୁଥିବା ବେଳେ କୁପାରୀ କଲେଜ ପାଇଁ ପୁରାତନ ଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହେବ ବୋଲି ପୁରାତନ ଛାତ୍ର ପରିଷଦର ସଭାପତି ଦକ୍ଷିଣରାୟ କହିଛନ୍ତି।

# ସ୍ୱାବଲମ୍ବୀ କରିଛି ଅର୍ଗାନିକ ଚାଷ

■ବିସ୍ଥାପିତରୁ ସଫଳ ଚାଷୀ ଗଙ୍ଗାଧର

■ଖଣି ଉପତ୍ୟକାରେ ହରିତ ବିପ୍ଳବର ଶୁଭାରମ୍ଭ

ଯୋଡା,୨୪।୮(ମାନସ ମହାନ୍ତି)

କାନପୁର ଡ୍ୟାମ୍ ପାଇଁ ବିସ୍ଥାପିତ ହୋଇ ଯୋଡ଼ାକୁ ଆସିଥିଲେ। ପରିବାର ଚଳାଇବା ପାଇଁ ବିଭିନ୍ନ ଖଣି ବୁଲି ମଧ୍ୟ ରୋଜଗାର ପାଇ ନ ଥିଲେ। ଶେଷରେ ନିଜ ଉଦ୍ୟମ ବଳରେ ଯୋଡ଼ା ଭଳି ଖଣି ଉପତ୍ୟକାରେ ହରିତ ବିପ୍ଳବର ଶୁଭାରମ୍ଭ କରି ପାରିଛନ୍ତି। ଅର୍ଗାନିକ ଚାଷ କରି ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ପରିଚୟ ଲାଭ କରିପାରିଛନ୍ତି। ତାଙ୍କ ଦ୍ୱାରା ଅମଳ ପନିପରିବାର ବଜାରରେ ଚାହିଦା ରହିଛି। ବଜାର ଦରଠାରୁ କମ ଓ ଅର୍ଗାନିକ ହୋଇଥିବାରୁ ଲୋକଙ୍କ ପ୍ରଥମ ପସନ୍ଦ ହୋଇପାରିଛନ୍ତି ଗଙ୍ଗାଧର ବାନରା।

ସୂଚନାଯୋଗ୍ୟ, ୫ ବର୍ଷ ପୂର୍ବରୁ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପରୁ ବିସ୍ଥାପିତ ହୋଇ ଗଙ୍ଗାଧର ପରିବାର ସହ ଖଣିରେ କାମ କରିବାକୁ ଯୋଡ଼ା ଆସିଥିଲେ। ଖଣିରେ କାର୍ଯ୍ୟ ନ ପାଇ ଚାଷ କାର୍ଯ୍ୟ କରି ଜୀବିକାର୍ଜନ କରିବାକୁ ଚିନ୍ତା କରିଥିଲେ। ଯୋଡ଼ା ସହରରେ ବୃଦ୍ଧାଶ୍ରମ ନିକଟରେ ପଡ଼ିଆ ପଡ଼ିଥିବା ଜମିକୁ ଭଡ଼ା ସୂତ୍ରରେ ନେଇ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୪ ଏକର ଜମିରେ ସେ ଝୁଡ଼ଙ୍ଗ,



ବାଇଗଣ ପଦରରେ ଗଙ୍ଗାଧର।

ଜହ୍ନି, କଲରା, ଲାଉ ଆଦି ବିଭିନ୍ନ ପ୍ରକାର ପନିପରିବା ସହିତ ଲାଭଦାୟକ ପରିବା ଭାବେ ବାଇଗଣ ଓ କୋବି ଚାଷ କରୁଛନ୍ତି। ପ୍ରାୟ ଦୈନିକ ଏକ କୁଇଣ୍ଟାଲ ବାଇଗଣ ଅମଳ କରି ବିକ୍ରି କରିଥାନ୍ତି। ସେହିପରି ପ୍ରତିବର୍ଷ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ କୋବି ଅମଳ କରନ୍ତି। ଚାଷରେ ରାସାୟନିକ ସାର ପରିବର୍ତ୍ତେ ଅର୍ଗାନିକ ଜୀବ ଅମୃତ ସାରର ପ୍ରୟୋଗ କରି ଅଧିକ ଅମଳ ତଥା ପରିବାର ଗୁଣବତ୍ତାକୁ ଅଧିକ ବୃଦ୍ଧି କରିଥାଆନ୍ତି ବୋଲି ଗଙ୍ଗା କହିଛନ୍ତି। ଅର୍ଗାନିକ ଜୀବଅମୃତ ସାର ପ୍ରସ୍ତୁତ କରିବା ପାଇଁ ସେ ଖତ, ଗୋମୂତ୍ର, ଗୁଡ଼, ବେସନ ଓ ବରଗଛ ମୂଳର ମାଟି ବ୍ୟବହାର କରନ୍ତି। ବଡ଼ ଡ୍ରମ୍‌ରେ ସବୁ ସାମଗ୍ରୀକୁ ରଖି ଏହାକୁ ସାତଦିନ ମଧ୍ୟରେ ଜମିରେ ପ୍ରୟୋଗ କରନ୍ତି। ଏହା ସହିତ ଜମିର ଉର୍ବରତା ବୃଦ୍ଧି କରିବା ପାଇଁ ସୁଦୂର ଗାଜିଆବାଦରୁ ଉର୍ବରକ ୱେଷ୍ଟିଜ କମ୍ପୋଜର ମଗାଇଥାଆନ୍ତି। ଏହାଦ୍ୱାରା ଜମିରେ ଶୀଘ୍ର କୃତ୍ରିମ ଭାବେ ଜିଆ ସୃଷ୍ଟି ହୋଇ ଜମିର ଉର୍ବରତା ବୃଦ୍ଧି ପାଇଥାଏ। ବଜାର ମୂଲ୍ୟଠାରୁ ଅପେକ୍ଷାକୃତ କମ୍ ମୂଲ୍ୟରେ ଗଙ୍ଗା ପରିବା ବିକ୍ରି କରିଥାଆନ୍ତି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ତଥା ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କୁହନ୍ତି, ଗଙ୍ଗା ବହୁ ପରିଶ୍ରମ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିବା ଚାଷ କରନ୍ତି। ଚାଷ କାମରେ ଗଙ୍ଗାଙ୍କ ସ୍ତ୍ରୀ ସୁମିତ୍ରା ବାନରା ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରନ୍ତି। ସ୍ୱାମୀ ସ୍ତ୍ରୀଙ୍କ ପରିଶ୍ରମରେ ଯୋଡ଼ା ସହରବାସୀ ଅର୍ଗାନିକ ପରିବା ପାଇପାରୁଛନ୍ତି। ପରିବା ବ୍ୟବସାୟୀ ରାଜୀବ ଓ ନରସିଂହ କୁହନ୍ତି, ନିଜ ଉଦ୍ୟମରେ ଚାଷ ପ୍ରଣାଳୀ ଉଦ୍ଭାବନ କରି ଗଙ୍ଗା ଜଣେ ସଫଳ ସ୍ୱାବଲମ୍ବୀ ଚାଷୀ ହୋଇପାରିଛନ୍ତି। ଖଣି ଉପତ୍ୟକାରେ ସବୁଜିମା ଏ ଅଞ୍ଚଳରେ ଏକ ହରିତ ବିପ୍ଳବର ଶୁଭାରମ୍ଭ ବୋଲି ବରିଷ୍ଠ ଖବରଦାତା ବେଣୁଧର ବେହେରା, ଶିକ୍ଷାବିତ୍ ସୋମନାଥ ମହାନ୍ତି, ବରିଷ୍ଠ ନାଗରିକ ମଦନମୋହନ ବାରିକ ପ୍ରମୁଖ କହିଛନ୍ତି।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

ଭଦ୍ରକ,୨୪।୮(ସନାତନ ରାଉତ)

ଭଦ୍ରକ ବ୍ଲକ ମିର୍ଜାପୁର ସରକାରୀ ୟୁଜିଏମ୍‌ଇ ସ୍କୁଲରେ ଗୁରୁବାର ମଧ୍ୟାହ୍ନ ଭୋଜନରେ ଝିଟିପିଟି ବାହାରିଛି। ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ଜଣେ ପିଲାକୁ ଦିଆଯାଇଥିବା ଭାତରୁ ଝିଟିପିଟି ଖଣ୍ଡ ବାହାରିଥିଲା। ଏହା ଦେଖିବା ପରେ ମଧ୍ୟାହ୍ନ ଭୋଜନ ବଣ୍ଟନ ବନ୍ଦ କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଭାବକମାନେ ସ୍କୁଲ ପରିସରରେ ହୋହଲ୍ଲା କରିଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ସିଆର୍‌ସିସି ନୀଳାମ୍ବର ପାଣିଗ୍ରାହୀ, ନବନିର୍ମାଣ କୃଷକ ସଙ୍ଗଠନର ସଭାପତି ଜାହିର ଖାନ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଜାମୁଦ୍ଦିନ ଖାଁ ଓ



ମିର୍ଜାପୁର ସରକାରୀ ୟୁଜିଏମ୍‌ଇ ସ୍କୁଲରେ ଜଣେ ପିଲାଙ୍କ ଭାତଥାଳିରେ ଝିଟିପିଟି।

ପାରିଷଦଙ୍କ ପ୍ରତିନିଧି ଶେଖ୍ ଉସମାଲ ଉଲ୍ ହକ୍ ପ୍ରଧାନ ଶିକ୍ଷକ ଶେଖ୍ ସଲିମଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ପିଲାମାନଙ୍କୁ ରନ୍ଧା ଯାଇଥିବା ଖାଦ୍ୟ ଖାଇବାକୁ ଦିଆ ନ ଯାଇ ବିସ୍କୁଟ ଦେବା ପାଇଁ କହିଥିଲେ। ପିଲାମାନଙ୍କୁ ବିସ୍କୁଟ ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଚୋରା କୋଇଲା ସହ ପିକ୍‌ଅପ୍ ଭ୍ୟାନ୍ ଜବତ, ଡ୍ରାଇଭର ଗିରଫ

ଆରଡ଼ି,୨୪।୮(ଦୀପ୍ତି ରଞ୍ଜନ ନାୟକ)– ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ କୁଲେଇପଦା ଛକ ନିକଟରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଆରଡ଼ି ଫାଣ୍ଡି ପୋଲିସ ଜବତ କରିଛି। ସୂଚନା ଅନୁସାରେ, ବୁଧବାର ତିହିଡ଼ିରୁ ଯାଜପୁର ଅଞ୍ଚଳକୁ କୋଇଲା ଚାଲାଣ ହେଉଥିବା ଖବର ପାଇ ଫାଣ୍ଡି ପୋଲିସ କୁଲେଇପଦା ଛକରେ ଜଗି ରହିଥିଲା। ଭ୍ୟାନ୍ ଡ୍ରାଇଭର ପୋଲିସକୁ ଦେଖି ଗାଡ଼ି ଛାଡ଼ିଦେଇ ଦୌଡ଼ି ପଳାଉଥିବା ବେଳେ ଗ୍ରାମ ଯୁବକମାନଙ୍କ ସହାୟତାରେ ଓଳଗଠାରେ ପୋଲିସ ତାଙ୍କୁ କାବୁ କରି ଫାଣ୍ଡିରେ ଅଟକ ରଖିଥିଲା। ଗୁରୁବାର ଫାଣ୍ଡି ପୋଲିସ ଡ୍ରାଇଭର ପ୍ରକାଶ ମଳିକ(୩୨)ଙ୍କୁ ଧୁଷୁରୀ ଥାନାକୁ ପଠାଇଥିଲା। ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଜିଲାସ୍ତରୀୟ ଜୁଡିସିଆଲ ହବ୍ ଅନ୍ୟତ୍ର ସ୍ଥାପନକୁ ବିରୋଧ

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବାଲେଶ୍ୱର, ୨୪।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାସ୍ତରୀୟ ଜୁଡିସିଆଲ ହବ୍ ଅନ୍ୟତ୍ର ସ୍ଥାପନ ପରିବର୍ତ୍ତେ କଚେରୀ ହତା ମଧ୍ୟରେ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ସରପଞ୍ଚ ତଥା ଆଇନଜୀବୀ ଅମୂଲ୍ୟ କୁମାର ପରିଡ଼ା ସମର୍ଥକଙ୍କ ସହ ଗୁରୁବାର ଧାରଣାରେ ବସିଥିଲେ। ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଅନୁଦାନରେ ପ୍ରତ୍ୟେକ ଜିଲାରେ ଜିଲାସ୍ତରୀୟ ଜୁଡିସିଆଲ ହବ୍ ନିର୍ମାଣ ହେବାକୁ ସ୍ଥିର ହୋଇଛି। ବାଲେଶ୍ୱର ଜିଲାରେ ଅନୁରୂପ ଜୁଡିସିଆଲ ହବ୍ ୧୦ଏକର ପରିମିତ ଜମିରେ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସହରଠାରୁ ବହୁ ଦୂରରେ ଏହି ହବ୍ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ହୋଇଛି। ଏହି ହବ୍ ଅନ୍ୟତ୍ର ନିର୍ମାଣ ହେଲେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଜିଲାର ପ୍ରଶାସନିକ ବିଭାଗର ସମସ୍ତ କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ ଏବଂ ବିଚାର ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନେଇ ଜୁଡିସିଆଲ ହବ୍ ପ୍ରତିଷ୍ଠା ହେବା କେଉଁ ଯୁକ୍ତିରେ ବୋଲି ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ମୁତାବକ ଜୁଡିସିଆଲ ହବ୍ ପ୍ରତିଷ୍ଠା ପାଇଁ କଚେରୀ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ହତା ପରିସରରେ ୧୦ରୁ ୧୨ଏକର ସ୍ଥାନ ରହିଛି। ଏହା କାର୍ଯ୍ୟକାରୀ ନ ହେଲେ ଏହି ଆନ୍ଦୋଳନ ଆଗାମୀ ଦିନରେ ଆହୁରି ତୀବ୍ର ହେବ ବୋଲି ପରିଡ଼ା ଚେତାବନୀ ଦେଇଛନ୍ତି। ଭାସ୍କର ବେହେରା, ଗଙ୍ଗାଧର ପରିଡା, ଘନଶ୍ୟାମ ବିଶ୍ୱାଳ, ଗଣପତି ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ରମାକାନ୍ତ ଗୁଡ଼, ଶଙ୍କର୍ଷଣ ଗୋଛାୟତ, ପ୍ରଭାକର ମହାରଣା ଓ ରମାକାନ୍ତ ସେଠୀ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

# କୃଷିର ପ୍ରଗତିରେ ବୈଜ୍ଞାନିକ, କୃଷକଙ୍କ ଅବଦାନ ଅତୁଳନୀୟ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସିମୁଳିଆ, ୨୪।୮(ସନ୍ତୋଷ ନାୟକ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ 'ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର' ରାଣିତାଲ ଓ ଆତ୍ମା ଭଦ୍ରକର ମିଳିତ ସହଯୋଗରେ ଜିଲାସ୍ତରୀୟ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ବୈଜ୍ଞାନିକ ଡ. ଉମାଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୭୫ଜଣ ଅଗ୍ରଣୀ କୃଷକ, କୃଷକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ କୃଷି ଆନୁଷଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ବୈଜ୍ଞାନିକ ଡ. ଉମାଶଙ୍କର ନାୟକ ନୂତନ କିସମର ବିକାଶ, ବୈଜ୍ଞାନିକ ଜ୍ଞାନକୌଶଳର ପରୀକ୍ଷଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ନିରବିଚ୍ଛିନ୍ନ ଭାବେ ବିଗତ ୬୦ବର୍ଷ ଧରି କାର୍ଯ୍ୟ କରି ଆସୁଥିବା କହିବା ସହିତ ଆଗାମୀ ଦିନରେ କୃଷିକୁ ଅଧିକ




ବିଭିନ୍ନ ଅତିଥିଙ୍କ ଗହଣରେ ଡ. ଉମାଶଙ୍କର ନାୟକ ସୂଚନା ପ୍ରଦାନ କରୁଛନ୍ତି।

ଅମଳକ୍ଷମ, ଲାଭଦାୟକ, ଚିରନ୍ତନ, ଜଳବାୟୁ ସହନଶୀଳ ଓ ପୋଷକଦ୍ର ହେବା ପାଇଁ ସୂଚନା ଦେଇଥିଲେ। ସେହିପରି ସୋରିଷ ଗବେଷଣା ପ୍ରକଳ୍ପର ବୈଜ୍ଞାନିକ ଡ. ଚିନ୍ମୟ ଦାଶ ମାଟିର ସ୍ୱାସ୍ଥ୍ୟ, ଜଳବାୟୁ, ବିଭିନ୍ନ କିସମ ଧାନରେ ଥିବା ଭିଟାମିନ, ଜମିର ଉର୍ବରତା ପାଇଁ ବାରମ୍ବାର ଧାନ ପରିବର୍ତ୍ତେ ତୈଳବୀଜ ଓ ଡାଲି ଜାତୀୟ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥି ରୂପେ ମତେ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ନାୟକ ବୈଜ୍ଞାନିକମାନଙ୍କ ଉଦ୍ୟମ ଓ କୃଷକଙ୍କ ସହଯୋଗରେ କୃଷିର ପ୍ରଗତି ହୋଇଥିବା କହିଥିଲେ। ଭଦ୍ରକ ଜିଲା କୃଷି ଅଧିକାରୀ ଡ. ଶ୍ରୀଧର ଦାଶ ଗଛ ୧୭ ପ୍ରକାରର ଖାଦ୍ୟସାର ଆବଶ୍ୟକ କରିଥାଏ ଓ ମିଶ୍ରିତ କୃଷି କୃଷକର ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିନୋଦ କୁମାର ଯେନା ଜଳବାୟୁର ସଦୁପଯୋଗ, ଉଦ୍ୟାନ କୃଷି ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବଭାରତୀୟ ସୋରିଷ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ବୈଜ୍ଞାନିକ ଡ. ଉତ୍କଳିକା ନାୟକ ତୈଳବୀଜ ଫସଲର ଉନ୍ନତି ଓ ପ୍ରାକୃତିକ କୃଷି ସମ୍ପର୍କରେ ସୂଚନା ଦେଇଥିଲେ। ଆତ୍ମା ପ୍ରକଳ୍ପର ନିର୍ଦ୍ଦେଶକ ତଥା ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ଦ୍ୱାରୀ ଫସଲ ପରିବର୍ତ୍ତନ, ସମନ୍ୱିତ କୃଷି ଓ କୃଷି ଯାନ୍ତ୍ରୀକରଣ ଦ୍ୱାରା ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦାନୀ ଫାଉଣ୍ଡେଶନର ମୁଖ୍ୟ ସତ୍ୟରଞ୍ଜନ ମିଶ୍ର, ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମୀରା ମହାନ୍ତି, ବିଭୁଦତ୍ତ ରାଉତ, ଧୀରେନ୍ଦ୍ର ଧୂପାଳ, ନିତ୍ୟାନନ୍ଦ ଦାସ, ପଦ୍ମାବତୀ ଗିରୀ, ଆଶିଷ କୁମାର ବରାଳ ପ୍ରମୁଖ ଥିଲେ। ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ପୁପୁଲ୍



@ଅବିନାଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଜେଏମ୍‌ଏମ୍ ଡାକରାରେ ମୟୂରଭଞ୍ଜ ବନ୍ଦ



ବାରିପଦାଠାରେ ବନ୍ଦ ପାଳନରେ ସାମିଲ ଜେଏମ୍‌ଏମ୍‌ର କର୍ମକର୍ତ୍ତାମାନେ।

## ୧୫ ଦଫା ଦାବି ନେଇ ୨୪ ଘଣ୍ଟିଆ ବନ୍ଦ ପାଳନ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି/ମନୋରଞ୍ଜନ ତିରିଆ)/ଉଦଳା(ସନ୍ତୋଷ କୁମାର ବାଛିନୀ)/ମୋରଡ଼ା( ସ୍ମାରକ ମାଝୀ)/ବିଶୋଇ( ଅମିତ ଦାସ)/ଖୁଣ୍ଟା(ଦେବ ରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ ମଡୁଆଲ)/ ବୈଶିଙ୍ଗା (ରତନ ଦାଶ)/କୁଳିଅଣା(ଆଦିକନ୍ଦ ସାହୁ),୨୪।୮

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ଆଦିବାସୀମାନଙ୍କ ଜୀବନଜୀବିକା ସହିତ ଜିଲାର ବିକାଶ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ପକ୍ଷରୁ ଦାବି ଜୋର ଧରିଛି। ୧୫ଦଫା ଦାବି ନେଇ ଦଳ ପକ୍ଷରୁ ଗୁରୁବାର ଜିଲାରେ ଡାକରା ଦିଆଯାଇଥିବା ୨୪ ଘଣ୍ଟିଆ ବନ୍ଦ ପାଳନ ସଫଳ ହୋଇଛି।

ସକାଳୁ ଜେଏମ୍‌ଏମ୍ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ ଆରମ୍ଭ କରିଥିଲେ। ଦାବି ସମ୍ପର୍କିତ ବ୍ୟାନର ଧରି ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରିପଦା ସହରର ମୁର୍ଗାବାଡ଼ି, ଦାରଗାଡାହି, ପାଲବଣି, ପୋଡ଼ା ଅସ୍ତିଆ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୃଷ୍ଣଚନ୍ଦ୍ର ଗୋଲାଇ ଆଦି ସ୍ଥାନରେ ପିକେଟିଂ କରିଥିଲେ। ଅତ୍ୟାବଶ୍ୟକୀୟ ସାମଗ୍ରୀ ତଥା ସେବା ପ୍ରଦାନକାରୀ ସଂସ୍ଥାକୁ ବାଦ ଦେଇ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ ଏବଂ ଯାନବାହାନ ଚଳାଚଳ ଆଦି ବନ୍ଦ ରହିଥିଲା।

ବାମନଘାଟୀ ଉପଖଣ୍ଡରେ ବନ୍ଦ ଡାକରା ସଫଳ ହୋଇଥିବା ଦଳ ତରଫରୁ ଦାବି କରାଯାଇଛି। ବିଶୋଇ, ବିଜାତଳା, କୁସୁମୀ, ଜାମଦା, ତିରିଂ, ବହଳଦା ବ୍ଲକ ସମେତ ରାଇରଙ୍ଗପୁର ସହରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ବିଜାତଳାରେ ବ୍ରଜମୋହନ ମୁର୍ମୁ, ସାଲଖାନ ହେମ୍ବ୍ରମ, ଲକ୍ଷ୍ମଣ ମୁର୍ମୁ, ଡାକ୍ତର ଟୁଡୁ, ଛୋଟରାଇ ମୁର୍ମୁ, ତିରିଂଠାରେ ଗୁରୁବା ସୋରେନ, ଗୁରୁଚରଣ ସୋରେନ, ସାଙ୍ଗଚରଣ ମାଝୀ, ରାଇରଙ୍ଗପୁରଠାରେ ଜେଏମ୍‌ଏମ୍ ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନ, ରାଜ୍ୟ ପ୍ରବକ୍ତା ସୁନୀଲ ସୋରେନ, ଜିଲା ପରିଷଦ ସଦସ୍ୟା ମିନା ସୋରେନ, ସାଲୁ କିସ୍କୁ, ସୁନୀଲ ମାଝୀ, ମଦନ ମାରାଣ୍ଡି, ଯଶିପୁରଠାରେ ଘନଶ୍ୟାମ ପିଙ୍ଗୁଆ, ରଘୁନନ୍ଦନ ମହାନ୍ତ, ଦିଲ୍ଲୀପ ମହାନ୍ତି, ସଞ୍ଜୟ ବେହେରା, ଶରତ ମହାକୁଡ଼, ବାଦାମ ସିଂ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଉଦଳାଠାରେ କପ୍ତିପଦା ଉପଖଣ୍ଡ ସଭାପତି ଚନ୍ଦନ କୁମାର ପଣ୍ଡା, ଶିରୀଶ ଟୁଡୁଙ୍କ ସମେତ ଦଳୀୟ କର୍ମୀମାନେ ପିକେଟିଂ କରିବା ସହିତ ଦୋକାନ ବଜାର ବନ୍ଦ କରିଥିଲେ। ମୋରଡା ବ୍ଲକ ଅଞ୍ଚଳରେ ବନ୍ଦ ପାଳନର ଆଂଶିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା। ଉଦୟ ମୁର୍ମୁ, ମଙ୍ଗଳ ମୁର୍ମୁ, ରବୀନ୍ଦ୍ର ମାର୍ଣ୍ଡି, ସମୟ ମାର୍ଣ୍ଡି, ଭୁଣ୍ଡୁ ମାର୍ଣ୍ଡି, ଚିନ୍ଦଗା ହାଁସଦା, ବିଜୟ ମୁର୍ମୁ ପ୍ରମୁଖ ବନ୍ଦ ପାଳନରେ ସାମିଲ ଥିଲେ। ବିଶୋଇ ବ୍ଲକ ଜେଏମ୍‌ଏମ୍‌ର ସାଧାରଣ ସମ୍ପାଦକ ମଙ୍ଗଲ ମୁର୍ମୁଙ୍କ ନେତୃତ୍ୱରେ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ଉପସଭାପତି ଗଣେଶ ଚନ୍ଦ୍ର ମୁର୍ମୁ, ସହ ସମ୍ପାଦକ ମାନସିଂ ମୁର୍ମୁ, କୋଷାଧ୍ୟକ୍ଷ ପ୍ରଦୀପ ମୁର୍ମୁ, ଯୁବମୋର୍ଚ୍ଚା ସଭାପତି ରବୀନ୍ଦ୍ରନାଥ ହାଁସଦା, ଜିଲା ଯୁବମୋର୍ଚ୍ଚା ସଭାପତି ମଧୁସୂଦନ ସାହୁ, ରାଜ୍ୟ କମିଟି ସଦସ୍ୟ ଶ୍ୟାମସୁନ୍ଦର ହାଁସଦା ବନ୍ଦ ପାଳନରେ ସାମିଲ ହୋଇଥିଲେ। ଖୁଣ୍ଟା ବ୍ଲକର ଖୁଣ୍ଟା–ବାରିପଦା ରାଜ୍ୟ ରାଜପଥର ଡୁକୁରା ଛକଠାରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଜେଏମ୍‌ଏମ୍ ଦଳର କପ୍ତିପଦା ଉପଖଣ୍ଡର ସମ୍ପାଦକ ସୁନୀଲ ଟୁଡୁଙ୍କ ନେତୃତ୍ୱରେ ବ୍ଲକ ସଭାପତି ମହେନ୍ଦ୍ର ସୋରେନ, ଉପସଭାପତି ବାବୁଲା ମୁର୍ମୁଙ୍କ ସମେତ ଅନ୍ୟ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଗୋପବନ୍ଧୁ ନଗର ବ୍ଲକରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ବୈଶିଙ୍ଗା ଅଞ୍ଚଳରେ ବନ୍ଦ ପାଳନର କୌଣସି ପ୍ରଭାବ ପଡ଼ି ନ ଥିବା ଲକ୍ଷ୍ୟ କରାଯାଇଛି। ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିଥିଲା। କୁଳିଅଣା ବ୍ଲକ ଜେଏମ୍‌ଏମ୍ ସଭାପତି ରମେଶ ହାଁସଦାଙ୍କ ନେତୃତ୍ୱରେ ବାଲିମୁଣ୍ଡୁଳି ଛକଠାରେ ୧୮ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଓବିସି ସଭାପତି ରାଜେନ୍ଦ୍ର ସାହୁ, ଜିଲା କମିଟି ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ମୋହନ ସୋରେନ ବନ୍ଦପାଳନରେ ସାମିଲ ଥିଲେ।

